### ପ୍ରଚାରରେ ସୀମିତ ପିଏମ୍ ସୂର୍ଯ୍ୟଘର ଯୋଜନା...

# ୨୧,୪୭୪ ଆବେଦନକାରୀଙ୍କ ମଧ୍ୟରୁ ୨୫୦୯ ଜଣଙ୍କୁ ମିଳିଛି ଲାଭ

ବ୍ରହ୍ମପୁର,୨୬ ।୨(ସମିସ):

ପରିବାରକୁ ମାଗଣା ଓ କମ୍ ମୂଲ୍ୟରେ ସ୍ୱଚ୍ଛ ବିଦ୍ୟୁତ ଯୋଗାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ(ପିଏମ) ସୂର୍ଯ୍ୟଘର ଯୋଜନା ଆରମ୍ଭ ହୋଇଥିଲା । ଏଥି ନିମନ୍ତେ ବିଭିନ୍ନ ସ୍ତରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ ଯୋଜାନାକୁ ନେଇ ପ୍ରଚାର ପ୍ରସାର କରାଯାଇଛି । କିନ୍ତୁ ଗଞ୍ଜାମ ଜିଲ୍ଲାରେ ଏହି ଯୋଜନା ଆଶାଯୋଗ୍ୟ ଗତିରେ ଆଗେଇ ପାରୁନି । ଘରେ ଘରେ ସୋଲାର ପ୍ୟାନେଲ୍ ସ୍ଥାପନ କରି ମୁକ୍ତ ବିଦ୍ୟୁତ୍ ସୁବିଧା ଦେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା ଗତି ସୀମିତ ରହିଯାଇଛି । ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୨୧ହଜରୀ




୪୭୪ ଆଶାୟୀ ପିଏମ ସୂର୍ଯ୍ୟଘର ଯୋଜନା ନିମନ୍ତେ ଆବେଦନ କରିଥିବା ସତ୍ତ୍ୱେ ମାତ୍ର ୨୫୦୯ ଜଣ ଲାଭାନ୍ୱିତ ହୋଇପାରିଛନ୍ତି । ଅନ୍ୟ ଆବେଦନଗୁଡ଼ିକ ଯାଞ୍ଚ ପ୍ରକ୍ରିୟାରେ ଅଟକି ରହିଥିବା କିମ୍ବା ଆବଶ୍ୟକ ଦଲିଲ ଅଭାବରୁ ଅସ୍ୱୀକୃତ ହୋଇଥିବା ଜଣାପଡ଼ିଛି । ଯୋଜନାର ଲକ୍ଷ୍ୟ ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ ପରିବାରକୁ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ ପାଇଁ ସରକାରୀ ସବସିଡି ଦିଆଯାଉଛି । ଏହା ଦ୍ୱାରା ମାସିକ ବିଦ୍ୟୁତ୍ ବିଲ୍ କମିବା ସହ ପରିବେଶ ସୁରକ୍ଷାରେ ମଧ ସହାୟତା ମିଳିବ ବୋଲି ସରକାର ଦାବି କରିଛନ୍ତି । କିନ୍ତୁ ଗ୍ରାମାଞ୍ଚଳରେ ସଚେତନତା ଅଭାବ, ପ୍ରକ୍ରିୟାଗତ ଜଟିଳତା ଓ ଟେକ୍ନିକାଲ୍ ସହଯୋଗ ଅଭାବ ଯୋଗୁଁ ଲୋକମାନେ ଯୋଜନାର ଲାଭ ନେବାରେ ଅସୁବିଧା ଭୋଗୁଛନ୍ତି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସବସିଡି ପ୍ରଦାନ କରାଯାଉଛି । ସୋଲାର ପ୍ୟାନେଲର କ୍ଷମତା ୧ କିଲୋୱାଟକୁ କେନ୍ଦ୍ରୀୟ ସରକାର ପକ୍ଷରୁ ୩୦ହଜାର ଟଙ୍କା ସହାୟତା କରାଯାଉଥିବା ବେଳେ ରାଜ୍ୟ ସରକାର ପକ୍ଷରୁ ୨୫ହଜାର ଟଙ୍କା ସବସିଡି ଆକାରରେ ପ୍ରଦାନ କରାଯାଇଛି । ସେହିପରି ୨ କିଲୋୱାଟକୁ କେନ୍ଦ୍ର ପକ୍ଷରୁ ୬୦ହଜାର ଓ ରାଜ୍ୟ ପକ୍ଷରୁ ୫୦ହଜାର ଟଙ୍କା ସବସିଡି ମିଳୁଥିବା ବେଳେ ୩ କିଲୋୱାଟକୁ କେନ୍ଦ୍ର ପକ୍ଷରୁ ୭୮ ହଜାର ଓ ରାଜ୍ୟ ୬୦ହଜାର ଟଙ୍କା ମିଳୁଛି । ଅନ୍ୟପକ୍ଷରେ ଏହି ଯୋଜନା ଅଧୀନରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ ସ୍ୱଳ୍ପ ସୁଧ ହାରରେ ବ୍ୟାଙ୍କ ଋଣ ମଧ ଉପଲବ୍ଧ ହୋଉଛି । ଏହା ପରେ ମଧ୍ୟରେ ଜିଲ୍ଲାରେ ବିଭିନ୍ନ କାରଣରୁ ହଜାର ହଜାର ଆଶାୟୀଙ୍କ ଆବେଦନକୁ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହୋଇଛି । ଯୋଜନା ସମ୍ପର୍କୀତ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳ ସ୍ତରରେ ବିଶେଷ ଶିବିର, ଜାଗୃକତା କାର୍ଯ୍ୟକ୍ରମ ଓ ସହଜ ଅନଲାଇନ୍ ପ୍ରକ୍ରିୟା କରାଯାଇଥାନ୍ତା, ତେବେ ଆହୁରି ଅଧିକ ଲୋକ ଲାଭାନ୍ୱିତ ହୋଇପାରନ୍ତେ । ଏହି ପରିସ୍ଥିତିରେ ଯୋଜନାକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ଦ୍ରୁତ ପଦକ୍ଷେପ ଓ ବ୍ୟାପକ ପ୍ରଚାରପ୍ରସାର ଆବଶ୍ୟକ ବୋଲି ସାଧାରଣ ଦାବି ହୋଇଛି ।

## ସିଂହାସନରେ ବିଜେ କଲେ ମା’ ଶ୍ୟାମାକାଳୀ

ବେଲଗୁଣ୍ଠା,୨୬ ।୨(ସମିସ): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ତନରଡା ଗ୍ରାମରେ ମା’ ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ଗତ ୨୦ ତାରିଖରୁ ୪୮ ପ୍ରହର ଅଖଣ୍ଡ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଗୋ ଯଜ୍ଞ, ଘୃତ ଯଜ୍ଞ, ପଞ୍ଚ କୁଣ୍ଡିୟ ମହା ଯଜ୍ଞ ଅନୁଷ୍ଠିତ ହେଉଛି । ଏହି ଅବସରରେ ଆଜି ମାଆ ଶ୍ୟାମା କାଳୀଙ୍କୁ ରତ୍ନ ସିଂହାସନରେ ବିଜେ କରାଯାଇଛି । ଗୁରୁବାର ମା’ଙ୍କୁ ପାରମ୍ପରିକ ବାଜା ଏବଂ ବିରାଟ ବାଣ ପଟୁଆରରେ ଗ୍ରାମ ପରିକ୍ରମା କରାଯିବା ପରେ ହୋମଯଜ୍ଞ କରାଯାଇ ସିଂହାସନରେ ବିଜେ କରାଯାଇଥିଲା । ପୂର୍ବରୁ ମନ୍ଦିରର ରତ୍ନ ମୁଦ ସ୍ଥାପନ କରାଯାଇଥିବା ବେଳେ ଆଜି ମନ୍ଦିରର ଦଧିନଉତି ସ୍ଥାପନ କରାଯାଇ ନେତ ବନ୍ଧା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଉପବାସ କରିଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ମାଆଙ୍କ ଦର୍ଶନ କରିଥିଲେ ।

## ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ଦିଗପହଣ୍ଡି,୨୬ ।୨(ସମିସ): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ କୁମୁଟି ସାହିରେ ୪ ଦିନବ୍ୟାପୀ ଚାଲିଥିବା ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଉଦଯାପିତ ହୋଇଯାଇଛି । ବିଜୟ ପଦ୍ମନାଭପୁର ଲାଡ଼ି ଗାଁର ମୁଖ୍ୟ ପୁରୋହିତ ପ୍ରସନ୍ନ ଦାସ ଶର୍ମାଙ୍କ ପୌରୋହିତ୍ୟରେ କର୍ତ୍ତା ଭାବେ ଡ଼ା.ଏମ.ନାଗେଶ୍ୱର, ତାଙ୍କ ସହଧର୍ମିଣୀ ଏମ.ଚନ୍ଦ୍ରକଳା ଓ ମେଡ଼ିମି ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୁରୋହିତ ରବି କୁମାର ଶର୍ମା, ଜ୍ୟୋତିରାଜ ଦାସ, ପଣ୍ଡିତ ଡ଼.ସୁଧାଂଶୁ ଶେଖର ଶର୍ମା, ହୃଷୀକେଶ କର, ହିମାଂଶୁ କୁମାର ଦାସ, ଜିତେନ୍ଦ୍ର କୁମାର ଦାସଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ଶାଳାଙ୍ଗ ପୂଜା ପ୍ରଭୃତି ସମସ୍ତ ଦେବ ନୀତି ସମ୍ପାଦନ କରିବା ପରେ ମଧ୍ୟାହ୍ନରେ ମହାଯଜ୍ଞ ପୂର୍ଣ୍ଣାହୁତି ସହ ୧୬ ପ୍ରହର ନାମ ସଙ୍କୀର୍ତ୍ତନ ସମାପନ କରାଯାଇଥିଲା । ଶୋଭାଯାତ୍ରା ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ବିଗ୍ରହକୁ ସିଂହାସନରେ ସ୍ଥାପନ କରାଯାଇଥିଲା ।

## ନାବାଳକଙ୍କୁ ଅପହରଣ ଅଭିଯୋଗ




ଛତ୍ରପୁର,୨୬ ।୨(ସମିସ): ୧୧ ବର୍ଷର ନାବାଳକ ଗୁରୁବାର ଭୋରରୁ ନିଖୋଜ ଥିବାବେଳେ ବହୁ ଖୋଜା ଖୋଜି କରି ନିରାଶ ହେବାପରେ ଚମାଖଣ୍ଡି ଥାନାରେ ଅପହରଣ ନେଇ ଅଭିଯୋଗ କରିଛନ୍ତି ପରିବାର ଲୋକେ । ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଏଯାବତ ତାଙ୍କ ପତ୍ତା ମିଳିନି । ଏପରି ଘଟଣା ଚମାଖଣ୍ଡି ଥାନା ଅଧିନ ଘଡଘଡାପଲ୍ଲୀ ଗ୍ରାମରେ ।

ଗ୍ରାମର ଏମ୍. ହରିହର ପାତ୍ରଙ୍କ ପୁଅ ଏମ୍. ମୁରଲୀ ପାତ୍ର(୧୧)ଙ୍କ ଆଜି ଭୋରରୁ ଦେଖା ମିଳିନଥିଲା । ଗତକାଲି ଗ୍ରାମରେ ଦୁଇଟି ବାହାଘର ଥିବାବେଳେ ରାତି ପର୍ଯ୍ୟନ୍ତ ମୁରଲୀ ଗାଁରେ ବୁଲୁଥିଲା । ଭୋର୍‌ରୁ ଆଉ ତାଙ୍କୁ ଦେଖିବାକୁ ମିଳିନଥିଲା ।

ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି । ଏପରିକି ବାଲୁଗାଁ ଷ୍ଟେସନ ନିକଟରୁ ପୁଅର ମାମୁଁ ନିକଟକୁ ଏକ ଫୋନ୍ ଆସିଥିଲା କିନ୍ତୁ ସେ ଉଠାଇ ପାରିନଥିଲେ । ପରେ ନାବାଳକଙ୍କ ମାମୁଁ ସେହି ନମ୍ବରରେ ଫୋନ କରିବାରୁ ଏକ ବ୍ୟକ୍ତି ଉଠାଇଥିଲେ ଗୋଟେ ଛୋଟ ପିଲା ଫୋନ କରିଥିଲା ବୋଲି କହିଥିଲେ । କିନ୍ତୁ ସେ ଯେଉଁ ଟ୍ରେନରେ ଯାଉଥିଲେ ସେଠାରେ ସେହି ପିଲା ନଥିବା କହିଥିଲେ । ଯେଉଁ ନମ୍ବରରେ ଫୋନ ଆସିଥିଲା ପୁଣି ଯୋଗାଯୋଗ କରାଯାଇଥିଲେ ବି ସେ ଉଠାଇ ନଥିଲେ । ପୁଲିସ ମଧ ଟ୍ରାକିଂ ଜାରି ରଖିଛି । ଏପରିକି ନିଖୋଜ ନାବାଳକର ମାମୁଁ ଏବଂ କିଛି ଲୋକ ଖୋଜିବାକୁ ବାଲୁଗାଁକୁ ଯାଇଥିଲେ ବି ପତ୍ତା ମିଳିପାରିନାହିଁ ।

## ବନାଞ୍ଚଳ ତରଫରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ



ରମ୍ଭା,୨୬ ।୨(ସମିସ): ଖଲ୍ଲିକୋଟ ବ୍ଲକ ଅଧିନସ୍ଥ କେଶପୁର ପଞ୍ଚାୟତର ଚିଲିକା ନିକଟସ୍ଥ ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ତଥା ଖଲ୍ଲିକୋଟ ରାଜନ୍ୟ ବର୍ଗଙ୍କ ଦ୍ୱାରା ନିର୍ମିତ ଐତିହ୍ୟ ସମ୍ପନ୍ନ ମହଲ ପରିସରରେ ପଡିରହିଥିବା ପ୍ଲାଷ୍ଟିକ ଆବର୍ଜନା ଗୁଡ଼ିକୁ ସଂଗ୍ରହ ପୂର୍ବକ ସଫେଇ କରାଯାଇଛି । ଏଥିସହ ପ୍ଲାଷ୍ଟିକ ମୁକ୍ତ କାର୍ଯ୍ୟକ୍ରମ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଯାଇଛି । ଏଥିରେ ଚିଲିକା ବନ୍ୟ ପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ବିଜୟ କୁମାର ବିଶ୍ୱାଳ, ବିଶିଷ୍ଟ ପରିବେଶବିତ୍ ଧନେଶ୍ୱର ବିଧାର, ସାମନ୍ତ ନିର୍ମଳ ରଣସିଂହ, ଜିଲ୍ଲା ପରିଷଦ ସଦସ୍ୟ ବିନାୟକ ଜାଲି, କେଶପୁର ସରପଞ୍ଚ ବିଚିତ୍ର ଜାଲି, ମନ୍ଦିର ପରିଚାଳନା କମିଟି ମୁଖ୍ୟ କୀର୍ତ୍ତନ ପଲେଇ, କେଶପୁର ବନପାଳ ବଳରାମ ସାହୁ, ରମ୍ଭା ବନପାଳ ସ୍ୱର୍ଣ୍ଣପ୍ରଭା ମହାପାତ୍ର, ପିଟିଶାଳ ବନପାଳ ଦୁର୍ଗା ଚରଣ ଟୁଡୁ, ବନରକ୍ଷୀ ସନ୍ତୋଷ କୁମାର ସାହୁ,ଭାନୁମତୀ ବେହେରା, ସ୍ମୃତି ରଞ୍ଜନ ରଥ,ତପନ କୁମାର ଜେନା, ଆଲୋକ କୁମାର ଜେନା, ସୁଭଦ୍ରା ଜେନା, ଚିରାଗ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ । ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୁଜିତ ବେହେରା, ଅମର ସାହୁ, ଅନୀଲ ତରେଇ, ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ ।

### ଚିକିଟିରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

## ୨୧୫ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ବ୍ରହ୍ମପୁର,୨୬ ।୨(ସମିସ): ଚିକିଟି ମିନି ଷ୍ଟାଡିୟମ୍‌ରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି ।



ଗଞ୍ଜାମ ଜିଲ୍ଲାର ଯୁବପିଢିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଦକ୍ଷତା ବିକାଶ କରିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଉଦଘାଟନ କରିଥିଲା । ନିଯୁକ୍ତି ମେଳାରେ ମୋଟ ୧ହଜାର ୩୯୪ଜଣ ପ୍ରାର୍ଥୀ ନାମ ପଞ୍ଜୀକରଣ କରିଥିବା ବେଳେ ୪୫ଟି ନିୟୋଜକ ଓ ୧୦ଟି ପ୍ରଶିକ୍ଷଣ ସହ ନିଯୁକ୍ତି ସଂସ୍ଥା ଭାଗ ନେଇଥିଲେ । ଏହା ସହିତ ଭାରତୀୟ ସେନା ଓ ଜେଏସଏସ ସଂସ୍ଥା ମଧ ନିଯୁକ୍ତି ମେଳାରେ ଯୋଗଦେଇ ଯୁବକଯୁବତୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ନିଯୁକ୍ତି ମେଳାରେ ୨୧୫ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ଏହା ସହ ୮୨୦ଜଣ ପ୍ରାର୍ଥୀ ନିଯୁକ୍ତି ପାଇଁ ଚୟନ ହୋଇଥିବା ବେଳେ ୧୮୧ ଜଣ ପ୍ରାର୍ଥୀ ପ୍ରଶିକ୍ଷଣ ସହ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ଚୟନ ହୋଇଛନ୍ତି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଭାରପ୍ରାପ୍ତ ଗଞ୍ଜାମ ଡିଏସଡିଇଓ ଭୁବନେଶ୍ୱର ମହାପାତ୍ର, ଚିକିଟି ବିଡିଓ ବିବେକାନନ୍ଦ ମିଶ୍ର ଓ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୁବକଯୁବତୀମାନଙ୍କୁ ଉତ୍ସାହିତ କରିଥିଲେ ।

## ଅପରେସନ ସାଇବର କବଚ; ଜଣେ ଗିରଫ



ଛତ୍ରପୁର,୨୬ ।୨(ସମିସ): ସାଇବର ଅପରାଧ ବର୍ତ୍ତମାନ ସମାଜ ପାଇଁ ଏକ ବଡ ଆହ୍ୱାନ ସୃଷ୍ଟି କରିଛି । ଜନସେଚତନା ହିଁ ଏହା ରୋକିବାରେ ସଫଳ ହେବ । ଦୈନିକ କିଏ ନା କିଏ ସାଇବର ଠକେଇର ଶିକାର ହୋଇଥାନ୍ତି । ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେସନ ସାଇବର କବଚ । ଏହି ଅବସରରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସବୁ ଥାନା ପକ୍ଷରୁ ଏହି ଅପରେସନ ଜାରି ରହିଛି । ବେନାମୀ ବ୍ୟାଙ୍କ ଆକଉଣ୍ଟ (ମ୍ୟୁଲ ଆକଉଣ୍ଟ) ଖାତା ଖୋଲି ବେଆଇନ ଭାବେ ଟଙ୍କାକାରବାର କରାଯାଉଛି । ଜଣେ ବ୍ୟକ୍ତି ମଧ୍ୟସ୍ଥି ସାଜି ମ୍ୟୁଲ ଆକଉଂଟ ରେ କରି ବେନିୟମ ଭାବେ ଟଙ୍କା କାରବାର ହେଉଥିବା ନେଇ ଜଣକୁ ଗିରଫ କରିଛି ଛତ୍ରପୁର ପୁଲିସ । ଗିରଫ ଯୁବକ ଜଣକ ହେଲେ ପାତ୍ର ସାହିର ରୋହିତ ବେହେରା । ସେ ମଧ୍ୟସ୍ଥି ସାଜି କିଛି ବ୍ୟକ୍ତିଙ୍କ ନାମରେ ମ୍ୟୁଲ ଆକଉଣ୍ଟ ଖୋଲି ବେନିୟମ ଭାବେ ଟଙ୍କା କାରବାର କରୁଥିବା ପୁଲିସ ପକ୍ଷରୁ କୁହାଯାଇଛି । ସେ ଗୋଟି ମ୍ୟୁଲ ଆକଉଂଟ ଖୋଲିଲେ ମାଷ୍ଟର ମାଇଣ୍ଡ ଠାରୁ କିଛି ଟଙ୍କା ପାଇଥାଏ । ଏବଂ ଯେଉଁ ଖାତା ଖୋଲାଯାଇଥିବ ତାହାକୁ ମାଷ୍ଟର ମାଇଣ୍ଡ ପାଖକୁ ପଠାଯାଇଥାଏ । ତେବେ ଏହି ମ୍ୟୁଲ ଆକାଉଣ୍ଟର ଚେର କେଉଁ କେଉଁ ଯାଏଁ ଲମ୍ବିଛି ଓ କେଉଁ ସାଇବର ଅପରାଧ ପାଇଁ ଏସବୁ ଆକଉଣ୍ଟକୁ ବ୍ୟବହାର କରାଯାଇଛି ସେ ଦିଗରେ ଛତ୍ରପୁର ପୁଲିସ ଅଧିକ ତଦନ୍ତ ଜାରି ରଖିଛି । ଗୋଟିଏ ମୋବାଇଲ ମଧ ଜବତ ହୋଇଛି । କିଛି ବେକାର ଯୁବକ/ଯୁବତୀ ମାନଙ୍କୁ ଆର୍ଥିକ ଲୋଭ ଦେଖାଇ ବ୍ୟାଙ୍କ ଖାତା ଖୋଲି ସେହି ଖାତା ଜରିଆରେ ବେଆଇନ ଟଙ୍କା କାରବାର ହୋଇଥାଏ ।

## ଧରାକୋଟ ବ୍ଲକ ଠିକାଦାର ସଂଘ ଗଠିତ

ଧରାକୋଟ,୨୬ ।୨(ସମିସ): ଏହି ବ୍ଲକର ଜଗମୋହନ ପଞ୍ଚାୟତ ଅନ୍ତର୍ଗତ ପୁଟୁ ଗ୍ରାମର ମୁକ୍ତେଶ୍ୱର ପୀଠରେ ବ୍ଲକର ଠିକାଦାରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା ।



ଏଥିରେ ସଭାପତି ଭାବେ ଯୋଗେନ୍ଦ୍ର ଗୌଡ଼, ସମ୍ପାଦକ ଭାବରେ ସୁଦାମ ଗୌଡ଼ ଓ କୋଷାଧ୍ୟକ୍ଷ ଭାବରେ ପବିତ୍ର ମୁନିଙ୍କୁ ମନୋନୀତ କରାଯାଇଥିଲା । ଏ ଅବସରରେ ବ୍ଲକର ସମସ୍ତ ସରକାରୀ ଟେଣ୍ଡର କାର୍ଯ୍ୟରେ କେବଳ ଏହି ବ୍ଲକର ଠିକାଦାର ମାନଙ୍କୁ ସୁଯୋଗ ଦେବା, ଲେସ ଟେଣ୍ଡରରେ କାମ ନ କରି ସେଡୁଲ ରେଟରେ କରିବା ସହ ରାଜ୍ୟ ସରକାରଙ୍କ ସଦ୍ୟ ଘୋଷିତ ଟେଣ୍ଡର ନୀତି ନିୟମକୁ ବିରୋଧ କରାଯାଇ ତୁରନ୍ତ ଏହାର ପୁନଃବିଚାର ପାଇଁ ଦାବି କରାଯାଇଥିଲା । ବୈଠକରେ ଠିକାଦାର ସୁରେନ୍ଦ୍ର ନାଥ ଗୌଡ଼, ଦେବରାଜ ଭୂୟାଁ, ଶିବରାମ ସୁଆର, କୃଷ୍ଣଚନ୍ଦ୍ର ଗୌଡ଼, ଶିବ ନାରାୟଣ ଗୌଡ଼, ଗିରିଜା ପ୍ରସାଦ ଦାସ, ଦୀପକ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟ ନାରାୟଣ ବେହେରା, ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଏନ୍‌ଏସିରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ



ବୁଗୁଡ଼ା,୨୬ ।୨(ସମିସ): ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା ଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ୩୫ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାର ଭତ୍ତା ବଣ୍ଟନ କରିଥିଲେ । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୁଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜନପ୍ରତିନିଧିଗଣ, ଏନଏସିର କର୍ମଚାରୀ ଓ ହିତାଧିକାରୀ ମାନେ ଉପସ୍ଥିତ ଥିଲେ ।

### ଟିପିଏସ୍‌ଓଡିଏଲ୍‌ର ଦକ୍ଷତା ବୃଦ୍ଧି ଏବଂ ମିଶନ ଜିରୋ ହାର୍ମ ଲକ୍ଷ୍ୟ

# ଜୟପୁରରେ ହ୍ୟାଣ୍ଡସ-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ

ବ୍ରହ୍ମପୁର,୨୬ ।୨(ସମିସ):

ନିରାପତ୍ତା, ଦକ୍ଷତା ବୃଦ୍ଧି ଏବଂ କୌଶଳର ବିକାଶ ପ୍ରତି ଥିବା ପ୍ରତିବଦ୍ଧତାକୁ ତ୍ୱରାନ୍ୱିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସ୍‌ଓଡିଏଲ୍) କୋରାପୁଟ ଜିଲ୍ଲାର ଜୟପୁରଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ହ୍ୟାଣ୍ଡସ-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର (ଏଚଓଟିଟି) ଉଦଘାଟନ କରିଛି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ଦ୍ୱାରା ଏହା ଉଦଘାଟିତ ହୋଇଛି । ଟିପିଏସ୍‌ଓଡିଏଲର ସୁରକ୍ଷା ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ (ଟିଏସଏସଡିଆଇ) ଅଧୀନରେ ପ୍ରତିଷ୍ଠିତ ଏଚଓଟିଟି କେନ୍ଦ୍ର କମ୍ପାନୀର “ମିଶନ ଜିରୋ ହାର୍ମ’ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହି କେନ୍ଦ୍ର କମ୍ପାନୀର ଉଚ୍ଚ କୁଶଳୀ ତଥା ଦକ୍ଷ, ସୁରକ୍ଷା-ସଚେତନତା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ଗଠନ ଦିଗରେ ଥିବା ଆଭିମୁଖ୍ୟକୁ ପ୍ରଦର୍ଶିତ କରେ । ଏହି କେନ୍ଦ୍ର କର୍ମଚାରୀ ଏବଂ ବ୍ୟବସାୟ ସହଯୋଗୀମାନଙ୍କ ପାଇଁ ପରିକଳ୍ପନା କରାଯାଇଛି । ଏଥିରେ ଶ୍ରେଣୀଗୃହ ଶିକ୍ଷା ଏବଂ ବ୍ୟାବହାରିକ ଜ୍ଞାନକୌଶଳ ବାବଦରେ ବ୍ୟବସ୍ଥା ରଖାଯାଇଛି । ପ୍ରଶିକ୍ଷଣ ମଡେଲ ରିଏଲ ଟାଇମ ତଥା କାର୍ଯ୍ୟକ୍ଷେତ୍ରର ଅନୁଭବ ପ୍ରଦାନ କରିବ ଏବଂ ହ୍ୟାଣ୍ଡସ-ଅନ୍ ବୈଷୟିକ ଅଭ୍ୟାସ ଉପରେ ଗୁରୁତ୍ୱ ଦେବାରେ ବିଶେଷ ଭାବରେ ସହାୟକ ହେବ । ଏଚଓଟିଟି କେନ୍ଦ୍ରରେ ଏକ ଅତ୍ୟାଧୁନିକ ପ୍ରାନ୍ତର ରହିଛି ଯେଉଁଠାରେ କର୍ମଚାରୀମାନେ ଅଭ୍ୟାସ କରିବାର ବ୍ୟବସ୍ଥା ରହିଛି । ଏଥିସହିତ ଲୋ ଟେନସନ୍ (ଏଲଟି) ଏବଂ ହାଇ ଟେନସନ (ଏଚଟି)



ନେଟୱାର୍କର ପ୍ରତିକୃତି ମଧ ଏଥିରେ ସ୍ଥାନ ପାଇଛି । ଏହି ଭିତ୍ତିଭୂମି ଲାଇନମ୍ୟାନ୍ ଏବଂ ଟେକ୍ନିକାଲ ଷ୍ଟାଫ୍ ମାନଙ୍କୁ କାର୍ଯ୍ୟ କରିବା ପୂର୍ବରୁ ଏକ ନିରାପଦ ଏବଂ ନିୟନ୍ତ୍ରିତ ପରିବେଶରେ ଉପକରଣ ପରିଚାଳନା ଏବଂ ସୁରକ୍ଷିତ ଭାବରେ କାର୍ଯ୍ୟ ସମ୍ପାଦନ କରିବା ଦିଗରେ ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରଦାନ କରିବ । ଏଥିସହିତ ଏହି କେନ୍ଦ୍ର ଆର୍‌ଏମ୍‌ୟୁ ଅପରେସନ, ଅଟୋ-ରିକ୍ଲୋଜର ହ୍ୟାଣ୍ଡଲିଂ, ସେକ୍ସନାଲାଇଜର ଅପରେସନ, ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ରକ୍ଷଣାବେକ୍ଷଣ, ଉପଯୁକ୍ତ ଆର୍ଥିଂ କୌଶଳ ଏବଂ ଇନସୁଲେସନ ପ୍ରତିରୋଧ ପରୀକ୍ଷଣକୁ ଅନ୍ତର୍ଭୁକ୍ତ କରୁଥିବା ବିସ୍ତୃତ ମଡ୍ୟୁଲ୍ ପ୍ରଦାନ କରେ । ଏତଦ୍ ଭିନ୍ନ, ଏଚଓଟିଟି ସେଣ୍ଟରରେ ଏକ ଉତ୍ସର୍ଗୀକୃତ ଟିଏସଏସଡିଆଇ ଶ୍ରେଣୀଗୃହ, ସମ୍ମିଳନୀ କକ୍ଷ, ବୈଦ୍ୟୁତିକ ଉପକରଣରେ ସଜ୍ଜିତ ଗ୍ୟାଲେରୀ ଏବଂ ଅଭ୍ୟାସ କରିବା ପାଇଁ ଏକ ପ୍ରାଙ୍ଗଣ ରହିଛି । ଏଠାରେ ଏକ ପେସାଦାର ଏବଂ ପ୍ରଭାବଶାଳୀ ତାଲିମ ବାତାବରଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ଅତ୍ୟାବଶ୍ୟକ ସୁବିଧାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏଚଓଟିଟି ସେଣ୍ଟରର ସମସ୍ତ କାନ୍ଥରେ ସୁରକ୍ଷା ସଚେତନତା ଦିଗରେ ଚିତ୍ର ପ୍ରଦର୍ଶନ କରାଯାଇଛି । ଏଥିସହିତ ଦୃଶ୍ୟ ଯୋଗାଯୋଗ ବୋର୍ଡ ଏବଂ ବିଭିନ୍ନ ନିର୍ଦ୍ଦେଶାବଳୀର ପ୍ରଦର୍ଶନ କରାଯାଇଛି । ଏ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, “ସୁରକ୍ଷା ଏବଂ ଦକ୍ଷତା ହେଉଛି ଟିପିଏସ୍‌ଓଡିଏଲର କାର୍ଯ୍ୟଧାରାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ଜୟପୁର ଏଚଓଟିଟି କେନ୍ଦ୍ର ଆମର କାର୍ଯ୍ୟଶକ୍ତିରେ ଏକ ରଣନୀତିକ ନିବେଶକୁ ପ୍ରତିନିଧିତ୍ୱ କରେ । ଏଭଳି ପରିବେଶରେ ସଂରଚନା, ବ୍ୟବହାରିକ ଜ୍ଞାନ ପ୍ରଦାନ, ବୈଷୟିକ ଦକ୍ଷତା ଆଦି ଦିଗରେ ଦିଆଯାଉଥିବା ପ୍ରଶିକ୍ଷଣ ଆମର ଜିରୋ ହାର୍ମ ମିଶନ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଏ । ଆମର ଉଦ୍ଦେଶ୍ୟ ସ୍ପଷ୍ଟ -ଏକ ଆତ୍ମବିଶ୍ୱାସୀ, ଦକ୍ଷ ଦଳ ଗଠନ କରିବା ଯାହା ସୁରକ୍ଷାକୁ ଧ୍ୟାନ ଦେଇ ଭରସାଯୋଗ୍ୟ ବିଜୁଳି ପ୍ରଦାନ ଦିଗରେ ବିଶେଷ ଭାବରେ ସହାୟକ ହେବ । ଜୟପୁରରେ ଏହି ସୁବିଧା କାର୍ଯ୍ୟକ୍ଷମ ହେବା ପରେ, ଟିପିଏସ୍‌ଓଡିଏଲ୍ ବର୍ତ୍ତମାନ ଏହାର ଲାଇସେନ୍ସ ପ୍ରାପ୍ତ ଅଞ୍ଚଳରେ ୧୬ଟି ଟିଏସଏସଡିଆଇ କେନ୍ଦ୍ର ଏବଂ ତିନୋଟି ଉନ୍ନତ ଏଚଓଟିଟି କେନ୍ଦ୍ର ପରିଚାଳନା କରୁଛି । ବ୍ରହ୍ମପୁର ଏବଂ ଫୁଲବାଣୀରେ ଥିବା ପୂର୍ବ ଏଚଓଟିଟି କେନ୍ଦ୍ରଗୁଡ଼ିକ ନିଜ ନିଜ ଅଞ୍ଚଳରେ ଏହି ସୁବିଧା ପ୍ରଦାନ କରିବା ଜାରି ରଖିଛନ୍ତି । ଏ ଦିଗରେ ଜୟପୁରଠାରେ ଏଚଓଟିଟି କେନ୍ଦ୍ର ସ୍ଥାପନ ଟିପିଏସଓଡିଏଲର ଦୃଢ ତାଲିମ ଇକୋସିଷ୍ଟମକୁ ଆହୁରି ବିସ୍ତାର କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ । ସୁରକ୍ଷା ଭିତ୍ତିଭୂମି, ଏବଂ କର୍ମଚାରୀଙ୍କ ନିରାପତ୍ତା ଦିଗରେ ନିବେଶ, ଟିପିଏସ୍‌ଓଡିଏଲ୍‌ର ବିଦ୍ୟୁତ ବିତରଣ କ୍ଷେତ୍ରରେ ଏକ ଦକ୍ଷ ମାନଦଣ୍ଡ ସ୍ଥିର କରିବାରେ ସହଯୋଗ କରିବ । ଏଥିସହିତ ସମଗ୍ର ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ଓ ଗୁଣାକେ ବିଜୁଳି ଯୋଗାଣ ପାଇଁ ଟିପିଏସ୍‌ଓଡିଏଲ୍ ଲକ୍ଷ୍ୟ ରଖିଛି ଓ ଏଥିପାଇଁ ପ୍ରତିବଦ୍ଧ ଅଟେ । ଉଦଘାଟନୀ ଉତ୍ସବରେ ଟିପିଏସ୍‌ଓଡିଏଲର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶୀତ ନ ସରୁଣୁ ଜଳାଭାବ, ବାରମ୍ବାର ବିଦ୍ୟୁତ୍‌କାଟ

ପାରଳାଖେମୁଣ୍ଡି,୨୬ ।୨(ସମିସ)



ପାରଳାଖେମୁଣ୍ଡି ସହରରେ ଘରେ ନପଶୁଣୁ ମୁଣ୍ଡକୁ ଚାଳ ବାଜିବା କଥାବସ୍ତୁ ପ୍ରକାରେ ଗ୍ରୀଷ୍ମର ଆରମ୍ଭ ପୂର୍ବରୁ ଜଳାଭାବ ସାଙ୍ଗକୁ ବାରମ୍ବାର ବିଦ୍ୟୁତକାଟ୍ ଆରମ୍ଭ ହୋଇଯାଇଛି । ଯାହାକୁ ନେଇ ସହରବାସୀ ଚଳିତ ବର୍ଷ ଗ୍ରୀଷ୍ମରେ ତୃଷ୍ଣାମେଣ୍ଟାଇବେ ନା ବିଦ୍ୟୁତ ବିଭ୍ରାଟ ଯୋଗୁଁ ଗ୍ରୀଷ୍ମ ଉତ୍ତାପରେ ଆହୁରି ସିଝିବାକୁ ପଡିବ ସେନେଇ ଚିନ୍ତିତ ହୋଇପଡିଛନ୍ତି । ଚଳିତ ବର୍ଷ ଗ୍ରୀଷ୍ମ ସାମାନ୍ୟ ଆରମ୍ଭ ହେବାରେ ଲାଗିଥିବା ବେଳେ ଏହା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ସ୍ଥିତି ବେଳେ ସହରର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳକଷ୍ଟ ଆରମ୍ଭ ହୋଇଛି । ସହରରେ ଦୈନନ୍ଦିନ ଅଘୋଷିତ କିମ୍ବା ଘୋଷିତ ବିଦ୍ୟୁତ କାଟ ହେଉଛି । ୨୪ ଘଣ୍ଟା ମଧ୍ୟରେ କେତେବେଳେ ଯେ ବିଦ୍ୟୁତ କଟୁଛି ଆଉ ଆସୁଛି ତାହା ଜଣାପଡୁନଥିଲେ ମଧ୍ୟ ଅନ୍ତତଃ ୬ ରୁ ୮ ଥର ବିଦ୍ୟୁତ କାଟ କରାଯାଉଥିବା ଜଣାପଡିଛି । ଏଭଳି ସ୍ଥିତିରେ ସହରବାସୀ ବର୍ତ୍ତମାନ ଠାରୁ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହରେ ପିଇବା ପାଣି ସହ ଘନ ଘନ ବିଦ୍ୟୁତ କାଟ ହେବାର ସମ୍ଭାବନା ଦେଖାଦେବା ସୁନିଶ୍ଚିତ ବୋଲି କହୁଛନ୍ତି । ସହରର ବିଭିନ୍ନ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ କମ୍‌ରେ ଦିଆଯାଉଛି । ସହରରେ ଗ୍ରୀଷ୍ମ ଦିନେ ପାନୀୟଜଳ ଅଭାବ କିଛି ନୂଆ କଥା ନୁହେଁ । ଏହି ସମସ୍ୟା ବହୁ ବର୍ଷ ହେଲା ଲାଗିରହିଛି । ମହେନ୍ଦ୍ରତନୟା ନଦୀରେ ଜଳ ରହିଥିବା ପର୍ଯ୍ୟନ୍ତ ପିଇବା ପାଣିର ସମସ୍ୟା ଦେଖାଦେଉନି । ମହେନ୍ଦ୍ରତନୟା ନଦୀ ଶୁଖିବା ମାତ୍ରେ ସହରରେ ଜଳକଷ୍ଟ ବୃଦ୍ଧି ପାଉଛି ।

ପାରଳାଖେମୁଣ୍ଡି ସହର ପାଇଁ ମହେନ୍ଦ୍ରତନୟା ନଦୀର ଜଳରାଶିକୁ ରୋକିବା ପାଇଁ କୌଣସି ଚେକଡେମ୍ କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ । କେବଳ ଗ୍ରୀଷ୍ମ ଆଗମନ ପୂର୍ବରୁ ନଦୀବ୍ରିଜ୍ ନିକଟରେ ଶହ ଶହ ବାଲିବସ୍ତା ପକାଇ ପାଣିକୁ ଜମାଟ କରାଯାଉଛି । ଠିକ୍ ମାର୍ଚ୍ଚ ମାସ ମଧ୍ୟ ଭାଗରେ ଏହି ଜଳରାଶି ଶୁଷ୍କ ହେଲେ ପାନୀୟ ଜଳ ସମସ୍ୟା ଆରମ୍ଭ ହୋଇଯାଉଛି । ସେହିପରି ସହରରେ ୧୦ ହଜାରରୁ ଅଧିକ ଉପଭୋକ୍ତା ରହିଥିବା ବେଳେ ଜଣ ପିଛା ୧୬୫ ଲିଟର ପାଣିର ଆବଶ୍ୟକତା ପଡୁଛି । ଯାହାକି ଦୈନନ୍ଦିନ ୮୫ ଲକ୍ଷ ଲିଟରରୁ ଉର୍ଦ୍ଧ୍ୱ ଜଳ ଯୋଗାଣ ହେଉଛି । ୮୫ ଲକ୍ଷ ଲିଟର ପାଣି ଗଚ୍ଛିତ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇ ନଥିବା ବେଳେ ୫ ପାଣି ଟାଙ୍କିରୁ ମୋଟ ୪୯ ଲକ୍ଷ ୨୫ହଜାର ଲିଟର ପାଣି ଯୋଗାଣ ହେଉଛି । ଅବଶିଷ୍ଟ ପାଣି ପାଇଁ ପୁଣି ଥରେ ଉକ୍ତ ଟାଙ୍କିଗୁଡିକୁ ଭର୍ତ୍ତି କରି ଦୁଇଟି ପର୍ଯ୍ୟାୟରେ ପାଣି ଛଡାଯାଉଛି । ବର୍ଷା ଉପରେ ଭରସା କରାଯାଉଛି, ବର୍ତ୍ତମାନ ଜଳାଭାବ ଦେଖାଦେଇନି ଓ ନଦୀପାଣି ଶୁଖିଲେ ଏପରି ସମସ୍ୟା ଦେଖାଦେଉଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲ କହିଛନ୍ତି । ସହରରେ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗର ଉଦାସୀନ ମନବୃତ୍ତି ଯୋଗୁଁ ମୁଖ୍ୟରାସ୍ତାରେ ପାଇପ ଫାଟି ୧୦ ଦିନରୁ ଅଧିକ ହେଲାଣି ରାସ୍ତାରେ ପାନୀୟ ଜଳ ଭାସୁଥିବା ଦେଖିବାକୁ ମିଳିଛି । ସହରର ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖା ରାସ୍ତାର ବାଟଗୌଡ ସାହି ଛକ ପର୍ଯ୍ୟନ୍ତ ପାଣି ଭାସୁଛି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଲୋକେ ବାରମ୍ବାର ଜଣାଇଲେ ମଧ୍ୟ ମରାମତି କରାଯାଉନି । ସକାଳ ୬ ଘଣ୍ଟା ଠାରୁ ୮ ଘଣ୍ଟା ପର୍ଯ୍ୟନ୍ତ ଫାଟିଥିବା ପାଇପରୁ ପାଣି ନିର୍ଗତ ହୋଇ ମୁଖ୍ୟରାସ୍ତାରେ ଭାସୁଛି ।

## ପାଇପ ଫାଟି ରାସ୍ତାରେ ଭାସୁଛି ପାଣି

ଏହି କାରଣରୁ ଷ୍ଟେଟବ୍ୟାଙ୍କ ସମ୍ମୁଖରୁ ବାଟଗୌଡ ସାହି ଛକ ପର୍ଯ୍ୟନ୍ତ କର୍ଦ୍ଦମାକ୍ତ ପରିସ୍ଥିତି ଉପୁଜୁଛି । ଏହି କାଦୁଅରାସ୍ତା ଦେଇ ଯାତାୟତ କରୁଥିବା ଗାଡିମୋଟରର ଆବର୍ଜନା ପାଣି ପଥଚାରୀଙ୍କ ଉପରେ ଛିଟିକି ପଡୁଥିବା ବେଳେ ଛୋଟ ଯାନବାହାନ ଖସିପଡି ଦୁର୍ଘଟଣାର ଶିକାର ହେଉଛନ୍ତି । ଦଶ ଦିନ ମଧ୍ୟରେ କେତେ ଯେ ଲିଟର ପାଣି ନଷ୍ଟ ହୋଇଛି ତାର ହିସାବ ନଥିବା ବେଳେ ବିଭାଗୀୟ ମନମୁଖୀ କାରବାରକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରକ୍ଷଣାବେକ୍ଷଣ ନାମରେ ଟିପିଏସ୍‌ଓଡିଏଲ୍ ଘନ ଘନ ବିଦ୍ୟୁତ୍ କାଟ୍ କରିଆସୁଥିଲେ ମଧ୍ୟ ଏବେ କେତେ ଦିନ ହେଲା ବାରମ୍ବାର ବିଦ୍ୟୁତ କାଟ୍ ଜାରି ରଖିଛି । ଏପରି ବାରମ୍ବାର ବିଦ୍ୟୁତ୍ କାଟ କାହିଁକି କରାଯାଉଛି ତାର ପ୍ରଶ୍ନ ଉତ୍ତର ରଖୁନାହାନ୍ତି ବିଭାଗୀୟ କର୍ତ୍ତୃପକ୍ଷ । ଯୋଗାଯୋଗ କଲେ ଫୋନ୍ ବି ଉଠାଉ ନାହାନ୍ତି । ଦୁଇ ଦିନ ପୂର୍ବେ ରାୟଗଡ ବ୍ଲକର ଜିରାଙ୍ଗ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପବନ ବର୍ଷା ହୋଇଥିଲା । ଏଥିରେ ବିଦ୍ୟୁତ୍ ସରାବହ



ବନ୍ଦ ଥିଲା । ଯଦି ଓ ସାମାନ୍ୟ ବର୍ଷା ପବନରେ ଏପରି ଦିନେ ଦିନେ ଧରି ବିଦ୍ୟୁତ୍ ସରାବହ ବନ୍ଦ ହେଉଛି ତେବେ ଏମାନଙ୍କ ପାରିବାପଣିଆ କିପରି ରହିଛି ତାହା ସହଜେ ଅନୁମେୟ । ଏହି ବିଭାଗ କୌଣସି ଆଗୁଆ ସଜାଗ କରୁନଥିବା ବେଳେ ରକ୍ଷଣାବେକ୍ଷଣ ନାମରେ ବିଦ୍ୟୁତ କାଟ୍ କରିଚାଲିଛନ୍ତି ବୋଲି ଏନେଇ ଆଇନଜୀବୀ ତଥା ସମାଜସେବୀ ପ୍ରଶାନ୍ତ କୁମାର ପ୍ରଧାନ କହିଛନ୍ତି । ଯଦି ରକ୍ଷଣାବେକ୍ଷଣ ହୋଇଥାନ୍ତା ତେବେ ଘନ ଘନ ବିଦ୍ୟୁତ କାଟ କାହିଁକି ହୋଇଥାନ୍ତା ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛନ୍ତି ।

# ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର



**ଗଞ୍ଜାମ,୨୬ ।୨(ସମିସ):** ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତରେ ପୃଥକ ପୃଥକ ଭାବେ ବିଦ୍ୟାଳୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା କୃତିମ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରପଡା ପଞ୍ଚାୟତ ବିରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ୟାରିଟସ ଇଣ୍ଡିଆ ଓ ଶିକ୍ଷାନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ପୁନି ମହାପାତ୍ର ଓ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା । ସାପ କାମୁଡା, ଜଳରେ ବୁଡିବା, ଅଂଶୁଘାତ, ଅଗ୍ନି ଲାଗିବା, ବଜ୍ରାଘାତ ବେଳେ କିପରି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ସେହିପରି ପୋଇରାଶୀ ପଞ୍ଚାୟତର ବରପଲ୍ଲୀ ଋଷିକୁଲ୍ୟା ଉଚ୍ଚ ବିଦ୍ୟାପୀଠରେ ମଧ୍ୟ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପୁରୁଷୋତ୍ତମପୁରପୁର ଅଗ୍ନିଶମ ବିଭାଗ ଯୋଗଦେଇ ବିଭିନ୍ନ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ମକଡ୍ରିଲ କରାଯାଇଥିଲା । ପୋଇରାଶି ପଞ୍ଚାୟତ ସରପଞ୍ଚ ରବିନ୍ଦ୍ର ନାଥ ବେହେରା ଓ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା ଉପସ୍ଥିତ ରହିଥିଲେ ।

# ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ପୁରୁଷୋତ୍ତମପୁର,୨୬ ।୨(ସମିସ): ପୁରୁଷୋତ୍ତମପୁର ଥାନାରେ ନୂତନ ଆଇଆଇସି ଭାବେ କୁଳମଣି ସେଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବରୁ ସେ ଆସିକା ଥାନାରେ କାର୍ଯ୍ୟରତ ଥିଲେ । ଏଠାରେ ଥିବା ଆଇଆଇସି ରାଜେଶ କୁମାର ନାୟକଙ୍କୁ ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇଥିଲା । ଶ୍ରୀ ସେଠୀ ଏଠାରେ ଯୋଗ ଦେବାପରେ କହିଛନ୍ତି ଯେ, ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପକୁ ଦମନ କରିବା, ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ଅଗ୍ରାଧିକାର ଦେବା ସହ ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା, ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଯୋଗାଇଦେବା ଓ ଅଭିଯୋଗ ନେଇ ଥାନାକୁ ଆସୁଥିବା ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ତାଙ୍କର ମୂଳ ଲକ୍ଷ୍ୟ ରହିଛି ବୋଲି କହିଥିଲେ ।

# ସ୍ମାର୍ଟ୍ ଇନଭେଷ୍ଟର୍ ସଚେତନତା କାର୍ଯ୍ୟକ୍ରମ

ବେଲଗୁଣ୍ଠା,୨୬ ।୨(ସମିସ): ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ସେବି ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ମିଳିତ ଆନୁକୂଲ୍ୟରେ ସ୍ମାର୍ଟ୍ ଇନଭେଷ୍ଟର୍ ସଚେତନତା ଅଧ୍ୟକ୍ଷ ଡ.ଗିରିଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଶାସନିକ ଅଧିକାରୀ ଡ.ଇ.ରବି ନାରାୟଣ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେବି ତରଫରୁ ବିଶେଷଜ୍ଞ ଭାବରେ ମନୋଜ ନାହାକ ଯୋଗଦେଇ ଆଜିର ଦିନରେ ଠିକ୍ ଭାବରେ ନିବେଶ କରିବା ସହିତ ସଠିକ୍ ତଥ୍ୟ ଏବଂ ଜ୍ଞାନ ବିନା ନିବେଶ କଲେ ଅଧିକ କ୍ଷତି ହେବାର ସମ୍ଭାବନା ଥିବା ଯୋଗୁଁ ଲୋକଙ୍କୁ ସୁରକ୍ଷିତ ଏବଂ ବୁଦ୍ଧିମାନ ନିବେଶ ଉପରେ ସଚେତନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବିକଶିତ ଭାରତ, ଆର୍ଥିକ ପ୍ରବନ୍ଧନର ମୂଳ ଧାରଣା, ସୁରକ୍ଷିତ ନିବେଶ ବିଷୟରେ ଜ୍ଞାନ, ସାଇବର୍ ଠକେଇ ଏବଂ ଠକେଇ ଠାରୁ ସତର୍କ ରହିବା, ଦୀର୍ଘକାଳୀନ ନିବେଶ ଯୋଜନାର ଗୁରୁତ୍ୱ ଏବଂ ଭାରତୀୟ ପୁଞ୍ଜି ବଜାରରେ ନିଯୁକ୍ତି ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅନୀଲ କୁମାର ସ୍ୱାଇଁ, ସଞ୍ଜିତ କୁମାର ଦାଶ, ଦେବଦୂତ ଗୌଡ଼, ଧରିତ୍ରୀ ରାଣୀ ବିଷୋୟୀ ଏବଂ ଡଃ. ସଂଜୀବ କୁମାର ଦାଶଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।



# ପ୍ରଧାନାଚାର୍ଯ୍ୟଙ୍କ ପରଲୋକ; ଅଞ୍ଚଳରେ ଶୋକ



**ଦିଗପହଣ୍ଡି,୨୬।୨(ସମିସ):** ଦିଗପହଣ୍ଡି ନିକଟ ରୋହିଗାଁ ବାସିନ୍ଦା ଜାନକୀ ବଲ୍ଲଭ ବିଷୋୟୀଙ୍କ ୫୭ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି । ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସେ ୨୦୧୩ରୁ ୨୦୧୭ ଯାଏଁ ପ୍ରଧାନାଚାର୍ଯ୍ୟ ଭାବେ କାର୍ଯ୍ୟ କରିବା ପରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ଓ ପରେ ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ଗ୍ରାମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ତାଙ୍କର ବଦଳି ହୋଇଥିଲା । ସେଠାରେ ସେ କାର୍ଯ୍ୟ ସମ୍ପାଦନ କରିବା ପରେ କିଛିବର୍ଷ ହେଲା ସେ ଲଙ୍ଗଳେଶ୍ୱର ଗ୍ରାମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ଭାବେ କାର୍ଯ୍ୟ କରୁଥିଲେ । ବୁଧବାର ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଭୁବନେଶ୍ୱର ସ୍ଥିତ ସମ୍ପର୍କୀୟଙ୍କ ଘରକୁ ଫେରିଥିଲେ । ଗୁରୁବାର ସକାଳେ ତାଙ୍କୁ ପୁଣି ହସ୍ପିଟାଲ ଆଣିବାକୁ ଡାକ୍ତର କହିଥିଲେ । ସକାଳ ପ୍ରାୟ ୭ଟାରେ ସେ ନିତ୍ୟକର୍ମ ସାରି ହସ୍‌ପିଟାଲ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ହସ୍ପିଟାଲ ନେବା ବେଳେ ହୃଦଘାତରେ ମୃତ୍ୟୁ ଘଟିଥିଲା । ସେଠାରୁ ମୃତଦେହ ଅଣାଯାଇ ସନ୍ଧ୍ୟାରେ ତାଙ୍କ ପୈତୃକ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । ସେ ଜଣେ ମେଳାପି, ଛାତ୍ର ବତ୍ସଳ ପ୍ରଧାନାଚାର୍ଯ୍ୟ ଭାବେ ଦିଗପହଣ୍ଡି ,ସାନଖେମୁଣ୍ଡି ,ଖଲିକୋଟ ଓ କୁକୁଡ଼ାଖଣ୍ଡି ବ୍ଲକ ଅଧିନ ଗାଁ ମାନଙ୍କରେ ପରିଚିତି ହାସଲ କରିଥିଲେ । ତାଙ୍କ ପରଲୋକ ଖବର ପାଇ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଶିଶୁ ମନ୍ଦିର ମାନଙ୍କରେ କାର୍ଯ୍ୟରତ ବହୁ ସଂଖ୍ୟକ ପୁରାତନ ଛାତ୍ର ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ସମେତ ଗଣ୍ୟମାନ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ ।

# ଦୁଇ ଆଇଇଡି ବୋମା ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,୨୬ ।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦକ୍ଷିଣ ବସ୍ତର ଦାନ୍ତେୱାଡା ଜିଲ୍ଲାରେ ସୁରକ୍ଷା ବାହିନୀ ଏକ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରି ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି । ସୂଚନା ଅନୁଯାୟୀ ଦାନ୍ତେୱାଡା ଜିଲ୍ଲାର ବାରସୁର ପୋଲିସ ଷ୍ଟେସନ ଅଞ୍ଚଳ ଅନ୍ତର୍ଗତ ତୋଡମା ଗ୍ରାମ ଏବଂ ତୁଲାର ଗୁଫା ନିକଟସ୍ଥ ଘନ ଜଙ୍ଗଲ ପାହାଡ଼ରେ ମାଓବାଦୀମାନେ ଲୁଚାଇ ରଖିଥିବା ଦୁଇଟି ପ୍ରେସର କୁକର ଆଇଇଡି ବୋମାକୁ ତଲାସି ଅଭିଯାନ ସମୟରେ ଠାବ କରିଥିଲେ । ପ୍ରତ୍ୟେକ ଆଇଇଡି ବୋମାର ଓଜନ ପ୍ରାୟ ପାଞ୍ଚ କିଲୋଗ୍ରାମ ଲେଖାଏଁ ଥିବା ବେଳେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରି ମାଓବାଦୀ ମାନେ ଏହି ବୋମା ଖଞ୍ଜିଥିଲେ । ଡିଆରଜି ଯବାନ ଏବଂ ବାରସୁର ପୋଲିସର ଏକ ମିଳିତ ଦଳ ଓ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ଏହି ବୋମା ଗୁଡିକୁ ଜବତ କରି ସୁରକ୍ଷିତ ଭାବରେ ନିଷ୍କ୍ରିୟ କରିଥିଲେ । ଫଳରେ ମାଓବାଦୀଙ୍କ ଦ୍ୱାରା ରଚା ଯାଇଥିବା ଯୋଜନା ପଣ୍ଡ ହୋଇଛି । ଅଧିକାରୀଙ୍କ କହିବା ଅନୁଯାୟୀ ସମୟୋଚିତ କାର୍ଯ୍ୟାନୁଷ୍ଠାନ ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ସମ୍ଭାବ୍ୟ ବଡ଼ କ୍ଷତିକୁ ଏଡାଇ ଦେଇଛି । ଏହାପରେ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଆହୁରି ବଢ଼ାଇ ଦିଆଯାଇଛି ।



# ଯୌତୁକ ପାଇଁ ଗର୍ଭବତୀଙ୍କୁ ହତ୍ୟା ଅଭିଯୋଗ; ସ୍ୱାମୀ ଗିରଫ

**ବେଲଗୁଣ୍ଠା,୨୬।୨(ସମିସ):** ଗାଙ୍ଗପୁର ଥାନା ଅନ୍ତର୍ଗତ ଗୁଣ୍ଠପଲବା ଗ୍ରାମରେ ଜଣେ ଗର୍ଭବତୀ ନବବିବାହିତାଙ୍କୁ ଯୌତୁକ ପାଇଁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ତଣ୍ଟି ଚିପି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଆଜି ମୃତ ମହିଳାଙ୍କ ସ୍ୱାମୀ ଜିତେନ୍ଦ୍ର ଗୌଡ଼ଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଛି । ମୃତ ନବବିବାହିତା ଜଣକ ହେଉଛନ୍ତି ସୋରଡା ଥାନା ଭଗବାନପୁର ଗ୍ରାମର ସ୍ୱର୍ଗତ ଚିନ୍ତାମଣି ଗୌଡ଼ଙ୍କ ଝିଅ ରଶ୍ମିତା ଗୌଡ଼ ।

ଗତ ୨୫ ଏପ୍ରିଲ ୨୦୨୫ରେ ବୈଦିକ ରୀତିରେ ରଶ୍ମିତାଙ୍କ ବିବାହ ଗାଙ୍ଗପୁର ଥାନା ଗୁଣ୍ଠପଲବା ଗ୍ରାମର ପୁନିଆ ଗୌଡ଼ଙ୍କ ପୁଅ ଜିତେନ୍ଦ୍ରଙ୍କ ସହ ହୋଇଥିଲା । ଅଧିକ ଯୌତୁକ ଦାବି କରି ରଶ୍ମିତାଙ୍କୁ ଶ୍ୱଶୁରଘର ଲୋକେ ନିର୍ଯାତନା ଦେଉଥିଲେ । ବୁଧବାର ସକାଳ ପ୍ରାୟ ୯ଟାରେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିବା ବେଳେ, ତାଙ୍କୁ ତାଙ୍କ ସ୍ୱାମୀ ଜିତେନ୍ଦ୍ର ଗୌଡ଼, ଶ୍ୱଶୁର ପୁନିଆ ଗୌଡ଼ ଏବଂ ଶାଶୁ ସୁଷମା ଗୌଡ଼ ମିଶି ତଣ୍ଟି ଚିପି ହତ୍ୟା କରିଥିବା ନେଇ ରଶ୍ମିତାଙ୍କ ଭାଇ ଶିବାନନ୍ଦ ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ରଶ୍ମିତା ୩ ମାସର ଗର୍ଭବତୀ ଥିବା ମଧ୍ୟ ଭାଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ ହୋଇଛି । କିନ୍ତୁ ରଶ୍ମିତାଙ୍କ ଶାଶୁଘର ଲୋକ ଏହାକୁ ଖଣ୍ଡନ କରିବା ସହ ରଶ୍ମିତା ଆତ୍ମହତ୍ୟା କରିଥିବା ଦାବି କରିଛନ୍ତି । କହିବା ପ୍ରକାରେ କୌଣସି କାରଣକୁ ନେଇ ରଶ୍ମିତା ଏବଂ ସ୍ୱାମୀ ଜିତେନ୍ଦ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଓ ଏହି ଝଗଡ଼ା ଯୋଗୁଁ ରଶ୍ମିତା ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ପରିବାର ତରଫରୁ କୁହାଯାଇଛି । ପୁଲିସ ଘଟଣା ସମ୍ପର୍କରେ ଅଧିକ ତଦନ୍ତ କରୁଛି । ଆଜି ରଶ୍ମିତାଙ୍କ ଶବକୁ ଭଞ୍ଜନଗର ଠାରେ ବ୍ୟବଚ୍ଛେଦ କରିବା ପରେ ତାଙ୍କ ଶ୍ୱଶୁର ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ଏବଂ ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏ ନେଇ ଗାଙ୍ଗପୁର ପୁଲିସ ରଶ୍ମିତାଙ୍କ ସ୍ୱାମୀ ଜିତେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରୀ ପ୍ରଧାନ ଜଣାଇଛନ୍ତି ।

# କୋଦଳା ଓ ବେଗୁନିଆପଡ଼ାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ବହୁ ଡାକ୍ତର ଓ କର୍ମଚାରୀ ପଦବୀ ଖାଲି

## ସାଧାରଣ ରୋଗ ହେଲେ ବ୍ରହ୍ମପୁର ଭରସା

କୋଦଳା,୨୬ ।୨(ସମିସ)

ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଏକ ମୁଖ୍ୟ ଆବଶ୍ୟକତା । ହେଲେ ତୃଣମୂଳ ସ୍ତରରେ ଏହାର ମୂଳଦୁଆ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ହୋଇପଡିଛି । ଏହାର ଏକ ନଜିର ଦେଖିବାକୁ ମିଳିଛି ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସୁମଣ୍ଡଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ବେଗୁନିଆପଡ଼ା ଆରୋଗ୍ୟ କେନ୍ଦ୍ର ଓ ରାହାଡ଼ା ପ୍ରାଥମିକ ଆରୋଗ୍ୟ କେନ୍ଦ୍ରରେ । ଏହି ବ୍ଲକର କୋଦଳା ଓ ସୁମଣ୍ଡଳଠାରେ ଦୁଇଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ବେଗୁନିଆ ପଡ଼ା ଓ ରାହାଡାଠାରେ ଦୁଇଟି ପ୍ରାଥମିକ ଆରୋଗ୍ୟ କେନ୍ଦ୍ର ରହିଛି । ୩ଟି ସ୍ଥାନରେ ସରକାରଙ୍କ ଦ୍ୱାରା ମେଡ଼ିକାଲ ଚାଲିଥିବା ବେଳେ ରାହାଡା ଠାରେ ଏକ ଘରୋଇ ସଂସ୍ଥା ଏହି ମେଡ଼ିକାଲକୁ ପରିଚାଳିତ କରୁଛି । କୋଦଳା ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇଣ୍ଡିଆନ ହେଲଥ ଷ୍ଟାଣ୍ଡରଡ୍ ଅଧୀନରେ ଆସୁଥିବା ବେଳେ ଏଠାରେ ବହୁ ଡାକ୍ତର ପଦବୀ ଖାଲି ପଡିଛି । ଏଠାରେ ଜଣେ ମେଡ଼ିକାଲ ଇନ୍ ଚାର୍ଜଙ୍କୁ ମିଶାଇ ଏମବିବିଏସ ୫ଜଣ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଜଣେ, ଶିଶୁ ରୋଗ ବିଶେଷଜ୍ଞ ଜଣେ, ଭେଷଜ ବିଶେଷଜ୍ଞ, ଅସ୍ତ୍ରୋପଚାର ବିଶେଷଜ୍ଞ ଓ ଅନ୍ୟାନ୍ୟ ବିଶେଷଜ୍ଞଙ୍କୁ ମିଶାଇ ସମୁଦାୟ ୧୧ଜଣ ଡାକ୍ତର




ରହିବା କଥା । କିନ୍ତୁ ଏଠାରେ ବର୍ତ୍ତମାନ ଜଣେ ଇନ୍‌ଚାର୍ଜ ରହିଛନ୍ତି । ଯିଏକି ବେଗୁନିଆପଡ଼ା ପ୍ରାଥମିକ ଆରୋଗ୍ୟ କେନ୍ଦ୍ରରୁ ଏଠାକୁ ଡେପୁଟେଶନରେ ଦୀର୍ଘଦିନ ହେଲା ଆସିଛନ୍ତି । ଏଠାରେ ଜଣେ ବିଡିଏସ ଡାକ୍ତରଙ୍କ ସହ ଆଉ ୩ଜଣ ଏମବିବିଏସ କାର୍ଯ୍ୟ କରୁଛନ୍ତି । ମୋଟ ଉପରେ କୋଦଳା ମେଡିକାଲରେ ବର୍ତ୍ତମାନ ଇନଚାର୍ଜଙ୍କୁ ମିଶାଇ ୬ଜଣ ଡାକ୍ତର କାର୍ଯ୍ୟ କରୁଥିବା ବେଳେ ଅସ୍ତ୍ରୋପଚାର, ଭେଷଜ, ନିଶ୍ଚେତକ ଓ ଅସ୍ଥିଶଲ୍ୟ ବିଭାଗରେ ବିଶେଷଜ୍ଞ ନାହାନ୍ତି । ଏହା ସହ ଆୟୁଷ ବିଭାଗର ଡାକ୍ତର ବି ନାହାନ୍ତି । ଏଠାରେ ଷ୍ଟାଫ ନର୍ସ ୫ଟି ପଦବୀ ଖାଲି ପଡ଼ିଥିବା ବେଳେ ଏନବିଏସୟୁ ପାଇଁ ୩ଟି ପଦବୀ ଖାଲି ପଡିଛି । ଏହି ବ୍ଲକର ସୁମଣ୍ଡଳଠାରେ ଥିବା ମେଡ଼ିକାଲଟି ୨୦୧୦ମସିହାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନିତ ହୋଇଥିଲା । ବର୍ତ୍ତମାନ୍ ଏହି ମେଡ଼ିକାଲରେ ଜଣେ ମାତ୍ର ଅସ୍ତ୍ରୋପଚାର ବିଶେଷଜ୍ଞ ଓ ଜଣେ ଆୟୁଷ ଡାକ୍ତର ଅଛନ୍ତି । ଏଠାରେ ୮ ଜଣ ଡାକ୍ତର ନିଯୁକ୍ତି ପାଇବା କଥା ବର୍ତ୍ତମାନ ଏଠାରେ ଜଣେ ନିୟୋଜିତ ଥିବାବେଳେ ଆହୁରି ୭ଟି ଡାକ୍ତର ପଦବୀ ଖାଲିପଡ଼ିଛି । କିନ୍ତୁ ଏଠାରେ ମେଡିସିନ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବା ବେଳେ ଆଟେଣ୍ଡାଣ୍ଟ ପଦବୀରେ ଆଉଟ୍‌ସୋର୍ସିଂରୁ ୫ଜଣ ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି । ବେଗୁନିଆପଡ଼ାଠାରେ ଥିବା ପ୍ରାଥମିକ ଆରୋଗ୍ୟ କେନ୍ଦ୍ରରୁ ଏମବିବିଏସ ଡାକ୍ତରଙ୍କୁ କୋଦଳା ମେଡ଼ିକାଲ ଇନ୍‌ଚାର୍ଜ ଦାୟିତ୍ୱ ଦିଆଯିବା ଯୋଗୁଁ ଏହି ଆରୋଗ୍ୟ କେନ୍ଦ୍ରଟି ଜଣେ ମାତ୍ର ଆୟୁଷ ଡାକ୍ତରଙ୍କ ଦ୍ୱାରା ଚାଲିଛି । ଏହି ସବୁ ମେଡ଼ିକାଲ ରେ ରୋଗୀଙ୍କ ସଂଖ୍ୟା ପ୍ରତିବର୍ଷ ଆଶାତୀତ ବୃଦ୍ଧି ପାଉଥିବା ବେଳେ ଡ଼ାକ୍ତର ଅଭାବ ବର୍ତ୍ତମାନ ମୁଖ୍ୟ ସମସ୍ୟା ପାଲଟିଛି । ସେହିପରି ଏହି ବ୍ଲକର ରାହାଡାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କଥା ନ କହିବା ଭଲ । ଏହି ମେଡିକାଲଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଚାଲିଥିବା ବେଳେ ଏଠାରେ ସେମିତି ଆଖି ଦୃଶିଆ ଆନୁସାଙ୍ଗିକ ବ୍ୟବସ୍ଥା ନାହିଁ । ଏଠାରେ ଜଣେ ଅବସରପ୍ରାପ୍ତ ଏମବିବିଏସ ଡାକ୍ତର ଓ ଜଣେ ଆୟୁଷ ବିଭାଗ ଡାକ୍ତର ନିୟୋଜିତ ଥିବା ବେଳେ ଚିକିତ୍ସା ପାଇଁ ରୋଗୀ ବାହାରକୁ ଯାଉଛନ୍ତି । ଏହି ମେଡିକାଲରେ ସ୍ଥାୟୀ ଡାକ୍ତର ରହୁନଥିବା ସହ ଭଲ ଆଉ ଅଭିଜ୍ଞ ଡାକ୍ତର ବହୁତ ଦିନ ନରହି ଚାଲିଯାଉଛନ୍ତି । ବର୍ତ୍ତମାନ ଜଣେ ବୟସ୍କ ଅବସରପ୍ରାପ୍ତ ଏମବିବିଏସ ଡାକ୍ତର ଏହି ଦାୟିତ୍ୱରେ ରହିଥିବା ବେଳେ ଆୟୁଷ ବିଭାଗର ଡାକ୍ତର ଅଛନ୍ତି । ଯାହାଫଳରେ ଏହି ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏପରିକି ବହୁ ରୋଗୀ ଏହି ମେଡିକାଲରେ ଚିକିତ୍ସା ପାଇଁ ନିରାପଦ ମଣୁନାହାନ୍ତି । ଡାକ୍ତର ନିଯୁକ୍ତି ପାଇଁ ବ୍ଲକଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଦାବି କରାଯାଉଥିଲେ ବି କୌଣସି ସୁଫଳ ମିଳୁନାହିଁ । ଏଣୁ ରାଜ୍ୟ ସରକାର ତୁରନ୍ତ ଏହି ସବୁ ମେଡିକାଲରେ ପୂର୍ଣ୍ଣ ସଂଖ୍ୟକ ଡାକ୍ତର ନିଯୁକ୍ତି କରିବା ସହ ସ୍ୱାସ୍ଥ୍ୟ ସେବା ସଠିକ ଢଙ୍ଗରେ ପରିଚାଳିତ କରିବା ଆବଶ୍ୟକ ହୋଇପଡିଛି ।

# ବିଜେପିର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର



ଟିକାବାଲି,୨୬।୨(ସମିସ): ଟିକାବାଲିରେ ବିଜେପିର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ପଣ୍ଡିତ ବିଶିମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଦଳର ନୀତି, ଆଦର୍ଶ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ପ୍ରଭାରୀ ପୃଥ୍ୱୀରାଜ ମହାପାତ୍ର ଓ ଭଗବାନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ସୁକାନ୍ତ କୁମାର ସାହୁ ଓ ସଞ୍ଜିତ ମଣ୍ଡଳ ଯୋଗ ଦେଇ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରଶିକ୍ଷଣକୁ ଆଗାମୀ ଦିନରେ ମଣ୍ଡଳସ୍ତରରେ ଆୟୋଜନ କରି ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଟିକାବାଲି ମଣ୍ଡଳ ସଭାପତି କପିଳାସ କହଁରଙ୍କ ଦ୍ୱାରା ଆୟୋଜିତ ଶିବିରରେ କନ୍ଧମାଳ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ ।

